# ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ, ମାଲକାନଗିରି

## ଗୃହରକ୍ଷୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ

**ବିଜ୍ଞାପନ ସଂଖ୍ୟା- 0୧ / ଗୃହରକ୍ଷୀ,** **ତା- ୧୩.୦୩.୨୦୨୫**

ଶ୍ରୀମାନ ମହାସମାଦେଷ୍ଟା, ଗୃହରକ୍ଷୀ ବାହିନୀ, ଓଡିଶା କଟକଙ୍କ ଚିଠି ସଂଖ୍ୟା-୨୨୫/ ଗୃହରକ୍ଷୀ ତା- ୦୫.୦୨.୨୦୨୫ ରିଖ ଅନୁଯାୟୀ ମାଲକାନଗିରି ଜିଲ୍ଲାର ଗୃହରକ୍ଷୀ ସଂଗଠନରେ ଖାଲିପଡିଥିବା ଗୃହରକ୍ଷୀ ପଦବୀରେ ନିଯୁକ୍ତି ପାଇଁ ମାଲକାନଗିରି ଜିଲ୍ଲାର ଆଗ୍ରହୀ ପ୍ରାର୍ଥୀଙ୍କ ଠାରୁ ନିର୍ଦ୍ଧାରିତ ଫର୍ମ (ଓଡ଼ିଶା ଗୃହରକ୍ଷୀଦଳ ନିୟମାବଳୀ, ୧୯୬୨ ର ଫର୍ମ-"କ") ରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଚ୍ଛୁକ ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କୁ **ସମାଦେଷ୍ଟା ଗୃହରକ୍ଷୀ ବାହିନୀ, ମାଲକାନଗି`ରିଙ୍କ କାର୍ଯ୍ୟାଳୟ ( ରିଜର୍ଭ ଅଫିସ ) ଠାରେ ତା- ୧୫.୦୩.୨୦୨୫ ରିଖ ଠାରୁ ତା-୦୭.୦୪.୨୦୨୫** ରିଖ ସୁଦ୍ଧା ଆବେଦନ ଫର୍ମ ଦାଖଲ କରିବାକୁ ପଡିବ । ଠିକ୍ ଭାବରେ ପୂରଣ ହୋଇଥିବା ଆବେଦନ ଫର୍ମ ଗୁଡିକ ସମାଦେଷ୍ଟା ଗୃହରକ୍ଷୀ ବାହିନୀ, ମାଲକାନଗିରି, ଓଡ଼ିଶା, ପିନ୍-୭୬୪୦୪୮, ଅପରାହ୍ନ ୦୭.୦୪.୨୦୨୫ ସୁଦ୍ଧା ପହଞ୍ଚିବା ଦରକାର । ନିଯୁକ୍ତି ପରୀକ୍ଷା କେଉଁଠାରେ ଏବଂ କେବେ ଅନୁଷ୍ଠିତ ହେବ ଏହା ଆବେଦନକାରୀ ମାନେ ନିକଟସ୍ଥ **ଥାନା, ଫାଣ୍ଡି ଏବଂ ସମାଦେଷ୍ଟା, ଗୃହରକ୍ଷୀ ବାହିନୀଙ୍କ (ରିଜର୍ଭ ଅଫିସ)**, କାର୍ଯ୍ୟାଳୟରୁ ବୁଝିପାରିବେ । ଯେଉଁ ଆବେଦନକାରୀଙ୍କ **କମ୍ପ୍ୟୁଟର ଜ୍ଞାନ, ଗାଡି ଚାଳନା ଜ୍ଞାନ, ରୋଷେଇ ଜ୍ଞାନ, ବିଦ୍ୟୁତ ମିସ୍ତ୍ରୀ ଜ୍ଞାନ, ପାଇପ ମିସ୍ତ୍ରୀ ଜ୍ଞାନ ଓ ଅନ୍ୟାନ୍ୟ କ୍ଷେତ୍ରରେ ଦକ୍ଷତା** ଥିବ, ସେମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ। ପ୍ରାର୍ଥୀ/ପ୍ରାର୍ଥୀନୀ ମାନଙ୍କର ଚୟନ ତଥା ଗୃହରକ୍ଷୀ ରୂପେ ତାଲିକା ଭୁକ୍ତ ହେବା ପାଇଁ ତାଙ୍କର ଶାରିରୀକ କୁଶଳତା ଓ ଡାକ୍ତରୀ ପ୍ରମାଣ ପତ୍ର ମଧ୍ୟ ବିବେଚନାକୁ ନିଆଯିବ । **ହୋମଗାର୍ଡ ସେବା ସ୍ଥାୟୀ ଚାକିରି ନୁହେଁ, ଏହା ଏକ ସ୍ୱେଚ୍ଛାକୃତ ସେବା ଏବଂ ବିଶୃଙ୍ଖଳାଗତ ଆଚରଣ କ୍ଷେତ୍ରରେ ଯେକୌଣସି ସମୟରେ ସେବା ନିବୃତ୍ତ / ବହିଷ୍କାର କରାଯିବାର ପ୍ରାବଧାନ ରହିଛି । ନିଯୁକ୍ତି, ଶୃଙ୍ଖଳା, ବହିଷ୍କାର ଏବଂ ଅନ୍ୟାନ୍ୟ ପ୍ରାବଧାନ ଏବଂ ସର୍ତ୍ତାବଳୀ ଓଡ଼ିଶା ଗୃହରକ୍ଷୀଦଳ ଅଧିନିୟମ, ୧୯୬୧ ଏବଂ ଓଡ଼ିଶା ଗୃହରକ୍ଷୀଦଳ ନିୟମାବଳୀ, ୧୯୬୨ ଏବଂ ପରିପତ୍ର ଆଦେଶ ସଂଖ୍ୟା - ୦୧/୨୦୨୫ ଦ୍ୱାରା ନିୟନ୍ତ୍ରିତ ହେବ। ଆବେଦନ ଫର୍ମଗୁଡିକ ଏହି ଜିଲ୍ଲାର ସମସ୍ତ ଥାନା, ଫାଣ୍ଡି ଓ ସମାଦେଷ୍ଟା, ଗୃହରକ୍ଷୀ ବାହିନୀଙ୍କ ( ରିଜର୍ଭ ଅଫିସ ) କାର୍ଯ୍ୟାଳୟରେ ଉପଲବ୍ଧ ହେବ।** ନିଯୁକ୍ତି ପରୀକ୍ଷା ସମୟରେ ସମସ୍ତ ମୂଳ ପ୍ରମାଣ ପତ୍ର ସହ ଉପସ୍ଥିତ ରହିବେ ।

| | | |
|---|---|---|
| **ମୋଟ ଖାଲିଥିବା ଗୃହରକ୍ଷୀ ପଦବୀ ସଂଖ୍ୟା** | :- | **୫୨ ଗୋଟି ।** |
| **ଦରଖାସ୍ତ ଆବେଦନ କରିବାର ଆରମ୍ଭ ତାରିଖ** | :- | **୧୫.୦୩.୨୦୨୫** |
| **ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ** | :- | **୦୭.୦୪.୨୦୨୫** |

**<u>ଭତ୍ତା:-</u>** ପ୍ରତି କାର୍ଯ୍ୟ ଦିବସ ପାଇଁ ସରକାରଙ୍କ ଦ୍ୱାରା ଭତ୍ତା ପରିମାଣ ଟ-୬୧୭/- ଙ୍କା ଧାର୍ଯ୍ୟ କରାଯାଇଛି ।

**<u>ଯୋଗ୍ୟତା:-</u>** ଆବେଦନକାରୀଙ୍କ ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ :-

୧. ଆବେଦନକାରୀ ଜଣେ ଭାରତୀୟ ନାଗରିକ ହୋଇଥିବେ ।

୨. ଆବେଦନକାରୀଙ୍କ ବୟସ ୦୧.୦୧.୨୦୨୫ ସୁଦ୍ଧା ୨୦ ବର୍ଷରୁ କମ କିମ୍ବା ୬୦ ବର୍ଷରୁ ଉର୍ଦ୍ଧ ହୋଇନଥିବ ।

୩. ଆବେଦନକାରୀ ଅତି କମରେ ପଞ୍ଚମଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ।

୪. ଆବେଦନକାରୀ ଓଡ଼ିଆଭାଷା ଲେଖି ପଢ଼ି, ଏବଂ କହି ପାରୁଥିବେ।

୫. ଆବେଦନକାରୀ ଉତ୍ତମ ଚରିତ୍ରର ହୋଇଥିବେ ଏବଂ ତାଙ୍କ ବିରୁଦ୍ଧରେ କୌଣସି ଅପରାଧିକ ମାମଲା ବିଚାରାଧୀନ ଅବସ୍ଥାରେ ନ ଥିବ କିମ୍ବା କୌଣସି ଅପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇନଥିବେ।

୬.ଆବେଦନକାରୀ ସ୍ୱାସ୍ଥ୍ୟବାନ ହୋଇଥିବେ ଏବଂ ତାଙ୍କର କୌଣସି ଜଟିଳ ଶାରିରୀକ ସମସ୍ୟା ନଥିବ ।

**<u>ଚୟନ ପ୍ରକ୍ରିୟା :-</u>**

୧. ଓଡ଼ିଆ ଭାଷା ପରୀକ୍ଷା ।

୨. ଶାରିରୀକ ଦକ୍ଷତା ପରୀକ୍ଷା ।

୩. ଡାକ୍ତରୀ ପରୀକ୍ଷା ।

୪. କମ୍ପ୍ୟୁଟର, ଗାଡି ଚଳନା, କାରିଗରୀ ସଂକ୍ରାନ୍ତ ଏବଂ ଅନ୍ୟାନ୍ୟ ଦକ୍ଷତା ପରୀକ୍ଷା ( ଦକ୍ଷତା ପ୍ରମାଣପତ୍ର ଥିବା ଆବେଦନକାରୀଙ୍କ ପାଇଁ) ।

୫.ମୌଖିକ ପରୀକ୍ଷା ।

**<u>ଆବେଦନ କରିବାର ପ୍ରକ୍ରିୟା:-</u>**

୧. ଆବେଦନକାରୀ ନିକଟସ୍ଥ ଥାନା, ପୋଲିସ ଫାଣ୍ଡି କିମ୍ବା ରିଜର୍ଭ ଅଫିସରୁ ଆବେଦନ ନିମନ୍ତେ ଫର୍ମ ସଂଗ୍ରହ କରିପାରିବେ ।

୨. ଜରୁରୀ କାଗଜପତ୍ର ଯଥା ବୟସଗତ ପ୍ରମାଣ ପତ୍ର , ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, କାର୍ଯ୍ୟ ଦକ୍ଷତାର ପ୍ରମାଣପତ୍ର ( ଯଦି ଥାଏ ) ସଂଲଗ୍ନ କରିବେ ।

୩. ସମ୍ପୂର୍ଣ୍ଣଭାବେ ପୂରଣ ହୋଇଥିବା ଦରଖାସ୍ତ ଧାର୍ଯ୍ୟ ସମୟସୀମା ମଧ୍ୟରେ ସିଧାସଳଖ ସମାଦେଷ୍ଟା, ଗୃହରକ୍ଷୀ ବାହିନୀଙ୍କ ( ରିଜର୍ଭ ଅଫିସ ),ମାଲକାନଗିରି କିମ୍ବା ନିକଟସ୍ଥ ଥାନା, ପୋଲିସ ଫାଣ୍ଡି ଜରିଆରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରିବେ ।

**୪. ଟୋଲ୍ ଫ୍ରି ନମ୍ବର:- ୯୩୪୮୯୬୮୪୪୭**

**<u>ଆବେଦନକାରୀମାନେ ଫର୍ମ "କ" ସହିତ ଏହି ସବୁ ପ୍ରମାଣପତ୍ରର ନକଲ ସଂଲଗ୍ନ କରିବେ :-</u>**

୧. ଆବାସିକ ପ୍ରମାଣପତ୍ର ।

୨. ବୟସ ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ।

୩. ଚାରିଗୋଟି ନୂଆ (ରଙ୍ଗୀନ) ପାସପୋର୍ଟ ସାଇଜର ଫଟୋ ।

୪. ଦକ୍ଷତା/ କାରିଗରୀ ପ୍ରମାଣପତ୍ର (ଯଦି ଥାଏ) ।

୫. ପରିଚୟ ପ୍ରମାଣପତ୍ର ସ୍ୱରୂପ (ଆଧାର କାର୍ଡ / ଭୋଟର କାର୍ଡ) ।

୬. ଜାତିଗତ ପ୍ରମାଣପତ୍ର ।

୭. ଯାନ ଚାଳନା ( ହାଲୁକା / ଭାରି ଯାନ ) ପ୍ରମାଣ ପତ୍ର ( ଯଦି ଥାଏ ) ।

୧୩.୦୩.୨୦୨୫

ସମାଦେଷ୍ଟା,
ଗୃହରକ୍ଷୀ ବାହିନୀ,ମାଲକାନଗିରି ।

ସ୍ମାରକ ସଂଖ୍ୟା - ୪୬୩୮ / ଗୃହରକ୍ଷୀ, ତା- .୦୩. ୨୦୨୫ ରିଖ

ଏହାର ଏକକିତା ନକଲ ଆରକ୍ଷୀ ନିରୀକ୍ଷକ, ମାଲକାନଗିରି, ଆରକ୍ଷୀ ନିରୀକ୍ଷକ, ଗୃହରକ୍ଷୀ, ମାଲକାନଗିରି ଏବଂ ଜିଲ୍ଲାର ସମସ୍ତ ଭାରପ୍ରାପ୍ତ ଥାନାଧିକାରୀଙ୍କ ଅବଗତି ତଥା କାର୍ଯ୍ୟକାରୀ ନିମନ୍ତେ ପ୍ରେରଣ କରାଗଲା ।

୧୩.୦୩.୨୦୨୫

ସମାଦେଷ୍ଟା,
ଗୃହରକ୍ଷୀ ବାହିନୀ,ମାଲକାନଗିରି ।

ସ୍ମାରକ ସଂଖ୍ୟା - ୪୬୩୯/ ଗୃହରକ୍ଷୀ, ତା- .୦୩. ୨୦୨୫ ରିଖ

ଏହାର ଏକକିତା ନକଲ ମହାସମାଦେଷ୍ଟା, ଗୃହରକ୍ଷୀ ବାହିନୀ, ଓଡିଶା କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୧୩.୦୩.୨୦୨୫

ସମାଦେଷ୍ଟା,
ଗୃହରକ୍ଷୀ ବାହିନୀ,ମାଲକାନଗିରି ।